**ବରିଷ୍ଠ ନାଗରିକଙ୍କୁ ଆକ୍ରମଣ, ଯୁବକ ଗିରଫ**

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ବରିଷ୍ଠ ନାଗରିକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବଡବଜାର ଥାନା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସୁକୁଣ୍ଡା ମଶାଣିପଦରର ବି. ଦେବାଶିଷ ପାତ୍ର (୨୬)। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବସରପ୍ରାପ୍ତ କର୍ମଚାରୀ ପି. ମୋହନ ରାଉତ(୬୭) ସୁକୁଣ୍ଡାରେ ପରିବାର ସହ ରୁହନ୍ତି। ମଙ୍ଗଳବାର ସେ ବ୍ରହ୍ମପୁରରୁ ନିଜ ଲୁନାରେ ଘରକୁ ଫେରୁଥିଲେ। ରାସ୍ତାରେ ତାଙ୍କ ଗାଡ଼ି ସହ ଅନ୍ୟ ଏକ ଗାଡି ଧକ୍କା ହୋଇଥିଲା। ଉଭୟ ଗାଡି ଚାଳକ ନିଜ ନିଜ ମଧ୍ୟରେ ବୁଝାଶୁଝା ହୋଇଥିଲେ। ଏହି ସମୟରେ ସେଠାରେ ଠିଆ ହୋଇଥିବା ଦେବାଶିଷ ହଠାତ୍ ଉତ୍ୟକ୍ତ ହୋଇ ହାତରେ ପିନ୍ଧିଥିବା ଲୁହା ବଳାରେ ବରିଷ୍ଠ ନାଗରିକ ମୋହନ ରାଉତଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା।

# ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ସ୍ୱତନ୍ତ୍ର ବୈଠକ

ବ୍ରହ୍ମପୁର,୯।୮(ସ୍ମୃତି ରଞ୍ଜନ ମହାଲିକ)

ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ସ୍ୱତନ୍ତ୍ର ବୈଠକ ବୁଧବାର ବ୍ରଜନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ, ୧୦ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ନାୟକ ଓ ବିଜେଡି ଜିଲା ଉପସଭାପତି ଦିଲେଶ୍ୱର ରେଡ୍ଡୀ ପ୍ରମୁଖ ସ୍ୱତନ୍ତ୍ର ଅତିଥି ରୂପେ ଯୋଗ ଦେଇଥିଲେ। କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ସହର ତଳି ଓ ପାର୍ଶ୍ୱବର୍ତ୍ତୀ ପଞ୍ଚାୟତକୁ ବ୍ରହ୍ମପୁର ମହାନଗର ନିଗମ (ବିଏମସି)ରେ ସାମିଲ କରିବା ନେଇ ଦୀର୍ଘଦିନ ହେଲା ଆନ୍ଦୋଳନ ଚାଲିଛି ବୋଲି ମତ ପ୍ରକାଶ ପାଇଥିଲା।

ବିଏମ୍‌ସିରେ ଲୋଚାପଡା ପଞ୍ଚାୟତ ସହ ଅନ୍ୟ ୩ଟି ଗ୍ରାମ ମିଶ୍ରଣ ନେଇ ରେଗୁଲେଶନ ପାରିତ ସହ ହାଇକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। କିନ୍ତୁ ସହରତଳି ଅଞ୍ଚଳ ଓ ପଞ୍ଚାୟତର ମିଶ୍ରଣ ସପକ୍ଷରେ ଦୃଢ଼ ଅନୁକୂଳ ସୁପାରିଶ ପରେ ମଧ୍ୟ ରାଜ୍ୟ ସରକାର କେବଳ ନୋଟିଫିକେସନ ବାହାର କରି ନୀରବ ରହିଥିବା କମିଟି ପକ୍ଷରୁ ଅଭିଯୋଗ ହୋଇଥିଲା। ଏ ନେଇ ଗୋପବନ୍ଧୁ କହିଛନ୍ତି, ସହରତଳି ଅଞ୍ଚଳ ମିଶ୍ରଣ ପ୍ରସଙ୍ଗରେ ସରକାର ଅବଗତ ଅଛନ୍ତି। ସେ ଏ ନେଇ ପୌର ପ୍ରଶାସନ ନିର୍ଦ୍ଦେଶକ, ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଓ ଗଞ୍ଜାମ ଜିଲାପାଳଙ୍କ ସହ ଆଲୋଚନା କରିଥିବା କହିଛନ୍ତି। କମିଟି ଉପଦେଷ୍ଟା ସୁବାଷ ଚନ୍ଦ୍ର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଗୋପବନ୍ଧୁ କହିଥିଲେ, ସରକାର ସହର ତଳି ଅଞ୍ଚଳ ଗୁଡିକ ସମ୍ମୁଖିନ ହେଉଥିବା ସମସ୍ୟା ନେଇ ସଚେତନ ଅଛନ୍ତି। ଏହାର ସମାଧାନ ପାଇଁ ଉଦ୍ୟମ ଜାରି ରହିଛି । ପରେ କମିଟିର ଅନୁରୋଧକ୍ରମେ ଦାଶ ପ୍ରଥମେ ପଞ୍ଚାନନ ନଗର ବସ୍ତି ବାସିନ୍ଦାଙ୍କୁ ଭେଟିଥିଲେ।

ପରେ ସେ ମହାନଗର ନିଗମ ଦ୍ୱାରା ବ୍ରଜନଗରର ପ୍ରଥମ ଗଳିରେ ଖୋଲା ଛାଡ଼ି ଦିଆଯାଇଥିବା ନାଳ ଯୋଗୁ ହେଉଥିବା ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଶୁଣିଥିଲେ। ସମସ୍ତ ସମସ୍ୟା ଜିଲାପାଳଙ୍କୁ ଅବଗତ କରିବେ ବୋଲି ଗୋପବନ୍ଧୁ କହିଥିଲେ। ଅନ୍ୟ ସମସ୍ତ ସମସ୍ୟା ସମ୍ପର୍କରେ ତୁରନ୍ତ ଲିଖିତ ଭାବେ ଜଣାଇବାକୁ ଦାଶ ଉପସ୍ଥିତ କମିଟି କର୍ମକର୍ତ୍ତା ଓ ଜିଲା ପରିଷଦ ସଭ୍ୟାଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିମଖଣ୍ଡି ସରପଞ୍ଚ ପ୍ରଦୀପ ବେହେରା, ଲୋଚାପଡ଼ା ପୂର୍ବତନ ସରପଞ୍ଚ ମିନତୀ ବେହେରା, ୱାର୍ଡ ମେମ୍ବର ପପୁନ କୁମାର ଓ କୁକୁଡ଼ାଖଣ୍ଡି ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ସାହୁ, ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ପାଇଛା, ଉପସଭାପତି ଦେବୀ ପ୍ରସାଦ ଦାସ, ସଙ୍ଗଠନ ସମ୍ପାଦକ ଶ୍ରୀକାନ୍ତ ପଢିହାରୀ, ଯୁଗ୍ମ ସମ୍ପାଦକ ଟି. ସୁଦେଶ ପାତ୍ରଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

**ସହରତଳି ଅଞ୍ଚଳ ସମସ୍ୟା ବୁଲି ଦେଖିଲେ ଗୋପବନ୍ଧୁ**



ବୈଠକରେ ଉପସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଓ ଅନ୍ୟମାନେ।

# ଆଜି ଆସିକା ବନ୍ଦ

ଆସିକା,୯।୮(ସୁରେନ୍ଦ୍ର ନାଥ ସାହୁ)

ଆସିକା ଓ ଏହାର ଚତୁପାର୍ଶ୍ୱରେ ଥିବା ୮ଟି ବ୍ଲକକୁ ନେଇ ଋଷିକୁଲ୍ୟା ଜିଲା ଗଠନ ଲାଗି ଆରମ୍ଭ ହୋଇଥିବା ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ଗୁରୁବାର ଆସିକା ବନ୍ଦ ଡାକରା ଦିଆଯାଇଛି। ବନ୍ଦ କେବଳ ଆସିକା ଏନଏସିରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ସିମିତ ରଖାଯାଇଥିଲା। ପର୍ଯ୍ୟାୟକ୍ରମେ ପ୍ରସ୍ତାବିତ ଜିଲା ପରିସର ଭୁକ୍ତ ବିଭିନ୍ନ ବ୍ଲକ ଓ ଏନଏସି ଅଞ୍ଚଳରେ ଏହି ଆନ୍ଦୋଳନକୁ ପରିବ୍ୟାପ୍ତ କରିବା ଲାଗି ଯୋଜନା ପ୍ରସ୍ତୁତ କରାଯାଇଛି । ଆସିକା ଓକିଲ ସଂଘ ଓ ଜିଲା ଗଠନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ଆହ୍ୱାନ ଦିଆଯାଇଥିବା ଆସିକା ବନ୍ଦକୁ ଜନସାଧାରଣ ସମ୍ପୂର୍ଣ୍ଣ ସହଯୋଗ ସହ ସଫଳ କରିବା ଲାଗି ନିବେଦନ କରାଯାଇଛି। ବିଭିନ୍ନ ସ୍ଥାନରେ ବ୍ୟାନର ଓ ପ୍ରଚାରପତ୍ର ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯିବା ସହ ସହରାଞ୍ଚଳର ବିଭିନ୍ନ ଛକରେ ପଥପ୍ରାନ୍ତ ସଭା କରାଯାଉଛି। ଆଇନଜୀବୀ ସୁରେନ୍ଦ୍ରନାଥ ପଣ୍ଡା, ଲଳିତ ମୋହନ ଦାଶ, ନାରାୟଣ ମୁନି, ବିଦେଶୀ ନାହାକ, ସନ୍ତୋଷ ପାଣିଗ୍ରାହୀ, ବୁଲୁ ପାଣିଗ୍ରାହୀ, ଦେବକାନ୍ତ ଶର୍ମା ପ୍ରମୁଖ ଉଦବୋଧନ ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**ନାବାଳିକା ବଳାତ୍କାର ମାମଲା**

■ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ସହାୟତା ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର,୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ୱତନ୍ତ୍ର ଆଡ଼ହକ୍ ପୋକ୍‌ସୋ କୋର୍ଟ ବିଚାରପତି ଗଣେଶ୍ୱର ପତି ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ଦର୍ଶାଇ ଅଭିଯୁକ୍ତ ବରଗଡ଼ ଥାନା ଅଞ୍ଚଳର ଦେବରାଜ ବିରା(୫୨)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲ ୩୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୩ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଜଜ ପୀଡାକୁ ୪ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ଜିଲା ଆଇନ୍ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୧ ଏପ୍ରିଲ ୧ ତାରିଖରେ ବରଗଡ଼ ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟା ନାବାଳିକା ଇଟାଭାଟିରୁ କାମ ସାରି ଘରକୁ ଫେରୁଥିଲେ। ତାଙ୍କୁ ଏକାକୀ ଦେଖି ଦେବରାଜ ଭାଗମରା ନାଳ ନିକଟରେ ଛୁରି ଦେଖାଇ ଭୟଭୀତ କରି ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ ଚିତ୍କାର କରିବାରୁ ଦେବରାଜ ସେଠାରୁ ଚମ୍ପଟ ମାରିଥିଲେ। ଘରକୁ ଫେରି ନାବାଳିକା ଘଟଣା ସମ୍ପର୍କରେ ବାପାଙ୍କୁ କହିଥିଲେ। ପରେ ଏ ନେଇ ବରଗଡ଼ ଥାନାରେ ବାପା ଅଭିଯୋଗ କରିଥିଲେ। ପୋଲିସ ୮୯/୨୧ରେ ମାମଲା ରୁଜୁ କରି ଘଟଣାର ପରଦିନ ଦେବରାଜଙ୍କୁ ଗିରଫ କରିଥିଲା। ଗିରଫ ପର ଠାରୁ ଦେବରାଜ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି। କୋର୍ଟରେ ଉକ୍ତ ମାମଲାର ବିଚାର ବେଳେ ୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଜେଲରେ ଥିବା ଦେବରାଜଙ୍କୁ ଭର୍ଚୁଆଲ ମାଧ୍ୟମରେ ହାଜର କରାଯାଇଥିଲା। ବିଚାରପତି ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରି ମକଦ୍ଦମା ପରିଚାଳନା କରୁଥିଲେ।

# ନାକ୍ ଟିମ୍ ପରିଦର୍ଶନ ଲାଗି ପ୍ରସ୍ତୁତି ପ୍ରଶିକ୍ଷଣ

ବହ୍ମପୁର,୯।୮(ତନୁଶ୍ରୀ ନାହାକ)

ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ଓ ମହାମାୟୀ ମହିଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବୁଧବାର ନାକ୍ ଟିମ୍ ପରିଦର୍ଶନ ଓ ରେଜିଷ୍ଟ୍ରେଶନ ପୂର୍ବପ୍ରସ୍ତୁତିନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଓ ଗଜପତି ଜିଲାର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ନାକ୍ ସଂଯୋଜକ, ବିଶେଷଜ୍ଞମାନେ ଉପସ୍ଥିତ ରହିଥିଲେ। ମହାମାୟୀ ମହିଳା ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ଡ଼.ଅରୁନ୍ଧତୀ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ଼.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଉଚ୍ଚଶିକ୍ଷା ଉପ ନିର୍ଦ୍ଦେଶକ ଡ଼.ସିଦ୍ଧାର୍ଥ ଶଙ୍କର ପାଢ଼ୀ ଉପସ୍ଥିତ ରହିଥିଲେ। ମୁଖ୍ୟବକ୍ତା ଭାବେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ଼.ବିଜୟ କୁମାର ମହାନ୍ତି, ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟର ଡ଼.ଭରତାବର୍ଷ ଦାସ, ଚାନ୍ଦିପୁଟ ଇନ୍ଦିରା ମେମୋରିଆଲ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ମହାମାୟୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼.କବିତା ଶତପଥୀ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଓ ଅତିଥିମାନେ ମହାବିଦ୍ୟାଳୟ ନିମନ୍ତେ ନାକ ଫଣ୍ଡ ଓ ନାକ ମାନ୍ୟତାର ଆବଶ୍ୟକତା, ଏଥିନିମନ୍ତେ ଶିକ୍ଷାନୁଷ୍ଠାନର ମୌଳିକ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିବା ସହ ନାକ ଟିମ ପରିଦର୍ଶନ ସମୟରେ କେଉଁ ସବୁ ଦିଗକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ସେ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଫେସର ଶ୍ରୀଜା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବଳାତ୍କାର ମାମଲା, ଯୁବକଙ୍କୁ ୩ ବର୍ଷ ଜେଲ

ବ୍ରହ୍ମପୁର,୯।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଜିଷ୍ଟ୍ରାର କୋର୍ଟ ଏକ ବଳାତ୍କାର ମାମଲାର ରାୟ ପ୍ରକାଶ କରିଛନ୍ତି। ଜଜ ସୁଶାନ୍ତ କୁମାର ମିଶ୍ର ଜଣେ ଯୁବକଙ୍କୁ ଘଟଣାର ୧୧ବର୍ଷ ପରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଗୋଳନ୍ଥରା ଥାନା ଅଞ୍ଚଳର ଆନନ୍ଦ ସାହୁ। ତାଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ୨୦୧୨ ଅଗଷ୍ଟ ୭ ତାରିଖରେ ଆନନ୍ଦ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ବିବାହ କରିବା ପ୍ରତିଶ୍ରୁତି ଦେଇ ଅପହରଣ କରିଥିଲେ। ପରେ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଘଟଣା ପରଦିନ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ମାମଲାର ବିଚାର ବେଳେ ୨୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏପିପି ଆରତି ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ମିଟର ରିଡର କର୍ମଚାରୀଙ୍କୁ ସୁରକ୍ଷା ଦାବି

ବ୍ରହ୍ମପୁର,୯।୮(ସ୍ମୃତି ରଞ୍ଜନ ମହାଲିକ)

ବିଦ୍ୟୁତ ବିଭାଗ ଅଧୀନକାର୍ଯ୍ୟରତ ମିଟର ରିଡର କର୍ମଚାରୀଙ୍କ ସୁରକ୍ଷା ଦାବିରେ ବୁଧବାର ସାଉଥକୋ ମିଟର ରିଡର ଶ୍ରମିକ ସଂଘ ବ୍ରହ୍ମପୁର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଓ ଟିପିଏସଓଡିଏଲ ସିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ, ଗତ ସୋମବାର କୃପାଟି ଗ୍ରାମରେ ମିଟର ରିଡର ଲକ୍ଷ୍ମୀ ନାରାୟଣ ତ୍ରିପାଠୀଙ୍କୁ ହତ୍ୟା କରାଯାଇଛି। ଟିପିଏସଓଡିଏଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଗଲେ ସୁଦ୍ଧା କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଦୀର୍ଘ ୮ ଘଣ୍ଟା ପରେ ମିଟର ରିଡର ଓ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚିଥିଲେ। ମିଟର ରିଡରଙ୍କ ସୁରକ୍ଷା ନିମନ୍ତେ ଏକ କଡା ଆଇନ ପ୍ରଣୟନ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ସନ୍ତୋଷ ପଟ୍ଟନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଓଡ଼ିଶା ବିଜୁଳି କର୍ମଚାରୀ ସଂଘର ଧାରଣା

ବ୍ରହ୍ମପୁର,୯।୮ (ସ୍ମୃତି ରଞ୍ଜନ ମହାଲିକ)

ବିଦ୍ୟୁତ ବିଭାଗରେ ଚୁକ୍ତି ଅନୁସାରେ ଦୀର୍ଘଦିନ ଧରି କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମ ଅନୁସାରେ ୪୯% ସ୍ଥାୟୀ ନିଯୁକ୍ତି ଦାବିରେ ବୁଧବାର ଓଡିଶା ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ଟିପିଏସଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ପୁର୍ନବାର ଅନିର୍ଦ୍ଦିଷ୍ଟ କାଳ ଧାରଣା ଆରମ୍ଭ ହୋଇଛି। ୨୦୨୨ ମାର୍ଚ୍ଚରେ ଜିଲାପାଳ ସିନିୟରଟି ଅନୁସାରେ ଚାକିରୀ ଦେବା ପାଇଁ ତ୍ରିପାକ୍ଷିକ ଆଲୋଚନା କରି ପତ୍ର ମାଧ୍ୟମରେ ଅବଗତ କରିଥିଲେ। କିନ୍ତୁ ତାହା ଏଯାବତ କାର୍ଯ୍ୟକାରୀ ହୋଇପାରି ନାହିଁ। ଏହା ପ୍ରତିବାଦରେ ଜୁଲାଇ ୩୧ରେ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଓ ବିକ୍ଷୋଭ କରାଯାଇଥିଲା। କିନ୍ତୁ ଟାଟା ପାୱାର ଓ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନ ବାରୁ ପୁଣି ଧାରଣା ଆରମ୍ଭ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ବିଦ୍ୟୁତ କ୍ଷେତ୍ରରେ ଟାଟା ପାୱାର ବିଭିନ୍ନ ଆଳ ଦେଖାଇ ବାରମ୍ବାର ପାୱାର କଟ କରୁଛି। ତେଣୁ ଟାଟା ପାୱାର ବିରୋଧରେ ସମସ୍ତ ଗ୍ରାହକ ସ୍ୱର ଉତ୍ତୋଳନର ଆବଶ୍ୟକତା ରହିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଧାରଣାରେ ସଂଘର କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା, ସଭାପତି ବିନୋଦ ଚନ୍ଦ୍ର ସାହୁ, ସଂପାଦକ ସୁଶାନ୍ତ କୁମାର ଗୌଡ ଓ ସହକାରୀ ସଂପାଦକ ଏଲ ନିରଞ୍ଜି ପାତ୍ରଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀ ମୃତ୍ୟୁ ଅଭିଯୋଗ

ଭଞ୍ଜନଗର,୯।୮(ବାବୁଲା ପ୍ରଧାନ)

ତାରସିଂ ଥାନା ଅନ୍ତର୍ଗତ ଲମ୍ଭେଇରେ ବୁଧବାର ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ଉଦୟ ବେହେରା (୫୭)। ଉଦୟଙ୍କ ପୁତୁରା ଅରୁଣ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଉଦୟ ସକାଳେ ଜମିକୁ କାମ କରିବାକୁ ଯାଇଥିବା ବେଳେ ଜମିରେ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଜମିକୁ ଯାଇ ଉଦୟ ଅଚେତ ଅବସ୍ଥାରେ ପଡିଥିବା ଦେଖି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଉଦୟଙ୍କ କିପରି ମୃତ୍ୟୁ ଘଟିଲା ଜଣାପଡ଼ିବ ବୋଲି କହିଛି।

### ପିଇଓଙ୍କ କଳାବ୍ୟାଜ ପରିଧାନ

ଧରାକୋଟ (ବିଷ୍ଣୁକେଶରୀ ଆଚାର୍ଯ୍ୟ)/ ଚିକିଟି(ପ୍ରକାଶ ଚନ୍ଦ୍ର ସାହୁ) ୯।୮: ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ନିଷ୍ପତ୍ତି ପ୍ରକାରେ ଧରାକୋଟ ବ୍ଲକର ୧୮ ପଞ୍ଚାୟତରେ କାର୍ଯ୍ୟରତ ପିଇଓମାନେ ଦାବି ପୂରଣ ନେଇ କଳାବ୍ୟାଜ ପରିଧାନ କରିଛନ୍ତି। ଆସନ୍ତା ୧୭ ତାରିଖ ମଧ୍ୟରେ ଯଦି ରାଜ୍ୟ ସରକାର ଦାବି ପୂରଣ ନ କରନ୍ତି ତେବେ ୧୮ରୁ ସମସ୍ତେ ସମୂହ ଛୁଟିରେ ରହି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣାଯାଇଛି। ବ୍ଲକ ପିଇଓ ସଂଘର ସଭାପତି ଦେବରାଜ ନାୟକ, ସମ୍ପାଦକ କାଳୁ ଚରଣ ସ୍ୱାଇଁ, କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଅଶୋକ କୁମାର ସେଠୀ, ଇସାକ ପ୍ରଧାନ, ରମେଶ ଚନ୍ଦ୍ର ପୃଷ୍ଟି, ଅମୂଲ୍ୟ ରାଉଳ, ରୋଜାଲିନ ପ୍ରଧାନ, ଅର୍ଚ୍ଚନା ମଲିକ ଓ ଯଶୋବନ୍ତି ମିଶ୍ର ପ୍ରମୁଖ କଳାବ୍ୟାଜ ପରିଧାନ କରି ନିଜ ନିଜର ପଞ୍ଚାୟତରେ କାର୍ଯ୍ୟ କରୁଛନ୍ତି। ଚିକିଟି ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସୋମବାର କଳାବ୍ୟାଜ ପରିଧାନ କରିଥିଲେ। ବି. ଦଣ୍ଡପାଣି ପାତ୍ର, ଜି. ବନମାଳୀ ରାଓ, ଦିପ୍ତିମୟୀ ଦାସ, ତ୍ରିପତି ଶେଖର ସାହୁ, ରମେଶ ବିଷୋୟୀ, ପ୍ରମୋଦ କୁମାର ପଣ୍ଡା, ରଶ୍ମିତା ନାୟକ, ଅମିତା ପାଇକ, ସଂଯୁକ୍ତା ଦାସ ଗାୟତ୍ରୀ ଦାସ, ପୁରୁଷୋତ୍ତମ ପ୍ରଧାନ, ଗଣେଶ ଗୌଡ଼, ମମିତ ଦଳେଇ ପ୍ରମୁଖ ସାମିଲ ହୋଇଥିଲେ।

### ଆଖୁଚାଷୀଙ୍କ ସହ କୃଷି ନିର୍ଦ୍ଦେଶକଙ୍କ ଆଲୋଚନା

କୋଦଳା,୯।୮
(ଅମିତ କୁମାର ପଟ୍ଟନାୟକ)

ରାଜ୍ୟ କୃଷି ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧୁରୀ ବୁଧବାର ବେଗୁନିଆପଡା ବ୍ଲକ ଗସ୍ତରେ ଆସିଛନ୍ତି। ଚୌଧୁରୀ ବ୍ଲକର ହଂସତୁଳି ଏବଂ କୁମ୍ଭାରଗାଁ ଗ୍ରାମକୁ ଯାଇ ଆଖୁଚାଷି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଗସ୍ତ ସମୟରେ ଜିଲା କୃଷି ଅଧିକାରୀ ସୁବ୍ରତ କୁମାର ସାହୁ, ବ୍ଲକ କୃଷି ଅଧିକାରୀ ରାମଲାଲ ସମଦ, ଅତିରିକ୍ତ କୃଷି ଅଧିକାରୀ ଦୁର୍ଗେସ ପଟ୍ଟନାୟକ, ଆମ୍ବାର ଅଜିତ କୁମାର ମହାପାତ୍ରଙ୍କ ସହ ଅଖୁଚାଷର ସମସ୍ତ କର୍ମଚାରୀ ଏବଂ ଚାଷୀ ଉପସ୍ଥିତ ଥିଲେ।

# ପ୍ରତିଟି ଜୀବନ ମୂଲ୍ୟବାନ୍: ଜିଲାପାଳ

## ଗଜପତି ଜିଲା ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

ପାରଳାଖେମୁଣ୍ଡି,୯।୮(ଗିରିଧାରୀ ପରିଛା):

ଗଜପତି ଜିଲା ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଜିଲା ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଯୋଗଦେଇଥିଲ। ଜିଲାପାଳ କହିଥିଲେ ଯେ, ପ୍ରତିଟି ଜୀବନ ମୂଲ୍ୟବାନ। ତେଣୁ ଜିଲାର ପ୍ରତିଟି ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଯେଭଳି ଠିକ୍ ରହିବ ସେ ଦିଗରେ ସମସ୍ତ ବିଭାଗର ଗୁରୁ ଦାୟିତ୍ୱ ରହିଛି। ଜିଲାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣି ଯେପରି ସୁନାମ ଅର୍ଜନ କରିବା ସେ ଦିଗରେ ସଂପୃକ୍ତ ବିଭାଗ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। ସେହିପରି ଜିଲାରେ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟଜନିତ ସମସ୍ତ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଯକ୍ଷ୍ମାରୋଗର ଲକ୍ଷଣ ପୂର୍ବରୁ ଚିହ୍ନଟ କରାଯାଇ ଅନେକ ଲୋକଙ୍କୁ ଚିକିତ୍ସା ଦିଆଯାଇ ପାରୁଛି। ପରିବାର ନିୟୋଜନ କାର୍ଯ୍ୟକୁ ପରିଚାଳନା କରିବା ଦିଗରେ କାର୍ଯ୍ୟଭାର ଗ୍ରହଣ କରିଥିବା ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା । ରୋଗୀ କଲ୍ୟାଣ ସମିତି ଦ୍ୱାରା କରାଯାଉଥିବା କାର୍ଯ୍ୟାବଳୀ, ଖର୍ଚ୍ଚ,ସାମଗ୍ରୀ ଓ ସରଞ୍ଜାମ କ୍ରୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ରାଜ୍ୟ ଯୋଜନା ଅନ୍ତର୍ଗତ ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଯାଇଛି। ବର୍ତ୍ତମାନ ଚାଲୁଥିବା ଚିକିତ୍ସାଳୟ କୋଠାଗୃହର ନିର୍ମାଣ କାର୍ଯ୍ୟ ସ୍ଥିତି ବିଷୟରେ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇଥିଲା। ଏହି ବୈଠକରେ ସମସ୍ତ ୭ଟି ବ୍ଲକର ୮୫ କାୟାକଳ୍ପକୁ ସମ୍ବର୍ଦ୍ଧନା କରଯାଇଥିଲା। ସେଥିମଧ୍ୟରୁ ଗୋସାଣୀ ବ୍ଲକର ଲାବଣ୍ୟଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟସେବା କେନ୍ଦ୍ର ଓ କେରାଣ୍ଡି ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଛେଳିଗଡ ଓ ତୁମନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପୁରସ୍କୃତ କରାଯାଇଥିଲା।



ସ୍ୱାସ୍ଥ୍ୟ ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀ

### ସ୍ୱାସ୍ଥ୍ୟ ସଚେତନତା ଶିବିର

ଆସିକା,୯।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ମଙ୍ଗଳବାର କଲେଜ ପରିସରରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆୟୁସ ଡାକ୍ତର ସୁଦର୍ଶନ ପାଢୀ ମୁଖ୍ୟ ଅତିଥି ଏବଂ ନିରାକାରପୁର ନିଳାଞ୍ଚଳ ସେବା ପ୍ରତିଷ୍ଠାନର ଡାକ୍ତର ରଶ୍ମିରଂଜିତା ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବା ନିମନ୍ତେ ଘରୋଇ ଉପଚାର ଉପରେ ବିସ୍ତୃତ ଆଲୋଚନା କରିବା ସହ ନାରୀମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଓ ଏହାର ପ୍ରତିକାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଯୁବ ରେଡକ୍ରସର ଭାରପ୍ରାପ୍ତ ଅଧିକାରୀ ଡ. ଲିଲା ଲିଲିୟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଯଶସ୍ୱୀ ମଲିକ ଧନ୍ୟବାଦ ଦେଇଥିଲେ।

### ସ୍ୱଳ୍ପ ବୃଷ୍ଟି ଲାଗି ଜମି ପଡ଼ିଆ

କବିସୂର୍ଯ୍ୟନଗର,୯।୮(କୃପାସିନ୍ଧୁ ସ୍ୱାଇଁ)

ବିଲରେ ପାଣି ନାହିଁ, ମାଟି ଫାଟି ଆଁ। ଯୋଡ଼ା ଶ୍ରାବଣ ଯାଇ ଭାଦ୍ରବ ହେବାକୁ ବସିଲାଣି ତଥାପି ବିଲରେ ବୁଲିନି ହଳ ଓ ଟ୍ରାକ୍ଟରା ସ୍ୱଳ୍ପ ବୃଷ୍ଟିପାତ ହେତୁ କବିସୂର୍ଯ୍ୟନଗର ଅଣଜଳସେଚିତ ଜମି ସବୁ ପଡ଼ିଆ। ଲୋକେ ଥରେ ନୁହେଁ ଚାରିଥର ତଳି ପକାଇ ନିରାଶ ହେଲେଣି ନିଅଣ୍ଟିଆ ମୌସୁମୀ ବର୍ଷାହେତୁ ସ୍ଥିତି ସଙ୍ଗିନ ହୋଇପଡିଛି। କବିସୂର୍ଯ୍ୟନଗର ଅଞ୍ଚଳରେ ଅଧିକାଂଶ ଅଣଜଳସେଚିତ ଜମି ହେତୁ ଏଭଳି ସଂଗିନ ପରିସ୍ଥିତିରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ପଡିଛି। କେବଳ ସରକାରୀ ସହାୟତା ଅପେକ୍ଷାରେ ଚାଷୀକୁଳ।

### ମାଙ୍କଡ଼ କାମୁଡ଼ାରେ ୩ ଆହତ

ବେଗୁନିଆପଡ଼ା,୯।୮(ସୁଶାନ୍ତ ପଟ୍ଟନାୟକ)

ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦକୋଟ ଗ୍ରାମରେ ବୁଧବାର ଏକ ପାଗଳ ମାଙ୍କଡ଼ କାମୁଡ଼ାରେ ୩ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅପରାହ୍ନରେ ମର୍ଦ୍ଦକୋଟ ପାନ୍ଥ ନିବାସ ନିକଟରେ ଏକ ପାଗଳ ମାଙ୍କଡ଼ ପ୍ରଥମେ ୫୩ ବର୍ଷୀୟ ସରସ୍ୱତୀ ଜାଲିଙ୍କୁ ଆକ୍ରମଣ କରିଥିଲା। ତାଙ୍କୁ ପ୍ରଥମେ କୋଦଳା ପରେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଥିଲା। ଏହାର ଏକ ଘଣ୍ଟା ପରେ ଉସ୍ତାଳିର ୫୧ ବର୍ଷୀୟ ମୟୂର ପ୍ରଧାନ ଓ ନିକଟସ୍ଥ ଗ୍ରାମ ଗୁଡିଆଳିରେ ୫୫ ବର୍ଷୀୟ ନବୀନ ସ୍ୱାଇଁ ଉକ୍ତ ରାସ୍ତାରେ ଯାଉଥିବା ବେଳେ ମାଙ୍କଡ଼ର ଆକ୍ରମଣରେ ଗୁରୁତର ହୋଇ ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

ତିନିମାସ ହେଲା ବନ୍ଦ ଥିଲା

### ଡକରବାଡ଼ିରେ ମିଳିଲା ପାଣି

ଦାରିଙ୍ଗବାଡି, ୯।୮(ଅରୁଣ ସାହୁ )

ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତର ଡକରବାଡ଼ି ଗ୍ରାମରେ ଗତ ତିନିମାସ ହେଲା ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏନେଇ ଧରିତ୍ରୀରେ ରବିବାର ଖବର ପ୍ରକାଶିତ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଯାଇଛି। ମଙ୍ଗଳବାର ମରାମତି କରି ଗ୍ରାମକୁ ଜଳ ଯୋଗାଣ ସ୍ୱାଭାବିକ କରାଯାଇଛି। ଗ୍ରାମବାସୀ ଦୀର୍ଘ ଦିନପରେ ପରେ ନିଜ ଘର ପାଖ ଷ୍ଟାଣ୍ଡ ପୋଷ୍ଟରୁ ପାଣି ପାଇ ଖୁସି ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଗାଁରେ ଲୋକଙ୍କୁ ଗତ ତିନିମାସ ହେଲା ଜଳଯୋଗାଣ ବନ୍ଦ ରହିଥିଲା। ଫଳରେ ଲୋକେ ନିକଟସ୍ଥ ନାଳ ଏବଂ ପରିତ୍ୟକ୍ତ କୂଅରୁ ପାଣି ବ୍ୟବହାର କରି ବିଭିନ୍ନ ଭୁତାଣୁ ଜନିତ ରୋଗରେ ପଡୁଥିଲେ।

# ନ୍ୟାୟ ପାଇଁ ପୁରୁଷବନ୍ଧୁଙ୍କ ଘର ଆଗରେ ଦୀପିକା

## ଦିନେଶଙ୍କ ଘର ଲୋକ ଲଙ୍କାଗୁଣ୍ଡ ଫିଙ୍ଗିଥିବା ଅଭିଯୋଗ

ବ୍ରହ୍ମପୁର,୯।୮(ସୁବାସ ଚନ୍ଦ୍ର ପାଢ଼ୀ): ପୁଅକୁ ବାପାର ହକ୍ ଦାବି ନେଇ କେ. ଦୀପିକା ବ୍ରହ୍ମପୁର ଦେଶୀ ବେହେରା ସାହିସ୍ଥିତ ତାଙ୍କ ପୁରୁଷବନ୍ଧୁ କେ. ଦିନେଶ କୁମାରଙ୍କ ଘର ଆଗରେ ପୂର୍ବରୁ ମାସାଧିକ କାଳ ଧାରଣା ଦେଇଥିଲେ। ବୁଧବାର ପୁଣି ସେ ଦିନେଶଙ୍କ ଘର ସମ୍ମୁଖରେ ଧାରଣାରେ ବସିଥିଲେ। ତେବେ ଦିନେଶଙ୍କ ପରିବାର ଲୋକ ତାଙ୍କ ଉପରେ ଲଙ୍କାଗୁଣ୍ଡ ପକାଇଥିବା ଦୀପିକା ଅଭିଯୋଗ କରିଛନ୍ତି। ଏ ନେଇ ସେ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍.ଙ୍କୁ ଭେଟି ଜଣାଇଛନ୍ତି।

ଦୀପିକା ଏବଂ ଦିନେଶଙ୍କ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଦୀପିକା ଧାରଣା ଦେବାଠାରୁ ବଡ଼ବଜାର ଥାନାରେ ଏ ପର୍ଯ୍ୟନ୍ତ ଉଭୟ ପକ୍ଷରୁ ପରସ୍ପର ବିରୋଧରେ ପ୍ରାୟ ୧୪ଟି ମାମଲା ରୁଜୁ ହୋଇଛି। ବୁଧବାର ପୁଣି ଦିନେଶଙ୍କ ମା' ଓ ଜେଜେ ମା'ଙ୍କ ବିରୋଧରେ ଦୀପିକାଙ୍କ ଅଭିଯୋଗକ୍ରମେ ୨୮୨/୨୩ରେ ମାମଲା ରୁଜୁ ହୋଇଥିବା ବଡବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି। ଅନ୍ୟପକ୍ଷରେ ଏସ୍‌ପି ଖବରଦାତାଙ୍କୁ କହିଛନ୍ତି ଯେ, ଦୀପିକା ଓ ଦିନେଶଙ୍କ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ତେଣୁ କୋର୍ଟଙ୍କ ରାୟକୁ ଅପେକ୍ଷା କରିଛୁ। ଦୀପିକାଙ୍କ ସୁରକ୍ଷା ପାଇଁ ସେଠାରେ ପୋଲିସ ମୁତୟନ କରାଯାଇଛି। ୩ ଜଣ କନଷ୍ଟେବଲ ଓ ୩ ଜଣ ମହିଳା କନଷ୍ଟେବଲ ଏପରି ମୋଟ ୬ଜଣ ପୋଲିସ ୩ଟି ସିଫ୍ଟରେ କାର୍ଯ୍ୟ କରୁଛନ୍ତି ବୋଲି ଏସ୍‌ପି କହିଛନ୍ତି। ଦୀପିକା ନିଜ ପ୍ରତିକ୍ରିୟାରେ କହିଛନ୍ତି, ବୋହୂ ମାନ୍ୟତା ଓ ପୁଅକୁ ତାର ହକ୍ ପାଇଁ ୪ବର୍ଷ ଧରି ଲଢେଇ କରୁଛି। ଏ ଯାବତ ମୋତେ ନ୍ୟାୟ ମିଳିପାରିଲା ନାହିଁ। କେହି ବି ସହାୟତା ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ସାମାଜିକ ସମୀକ୍ଷା, ଜନ ଶୁଣାଣି ଶିବିର



ପାତ୍ରପୁର,୯।୮(ଉମାଚରଣ ନେପାକ):

ପାତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସାମାଜିକ ସମୀକ୍ଷା ଓ ଏମଜିଏନଆରଇଜିଏ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁମନ ସୁଦ୍ଧା କୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ, ବ୍ଲକ ଅଧ୍ୟକ୍ଷା ୱାଇ. ସଂଯୁକ୍ତା, ଏଇଇ ଅର୍ପଣ କୁମାର ପ୍ରହରାଜ, ଡିଏସ୍‌ଏ ରବିନ୍ଦ୍ରନାଥ ମଲାଣ, ଟିଡିଏ ସ୍ୱତନ୍ତ୍ର ଅଧିକାରୀ ଚେତନା ସେଠୀ, ଜିପିଓ କାଶୀନାଥ ତିଆଡି ପ୍ରମୁଖ ଅଭିଯୋଗ ଶୁଣିଥିଲେ। ଗତ ଆର୍ଥିକ ବର୍ଷରେ ୨୫,୧୨୪ ଜବକାର୍ଡ ଧାରୀ କର୍ମନିଯୁକ୍ତି ମନୋନୀତ ହୋଇଥିବା ବେଳେ ୨୧୫୦୮ ଜଣ ଜବକାର୍ଡଧାରୀ କାର୍ଯ୍ୟ କରିଥିଲେ । ମୋଟ ୧୫୪୦୦୬ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଥିଲା। ସେଥିମଧ୍ୟରୁ ୭୫୦୮ ଜଣ ଶ୍ରମିକ ୧୦୦ କାର୍ଯ୍ୟରେ ଯୋଗଦେଇଥିଲେ। ମୋଟ ୧୮୫୮ ପ୍ରକଳ୍ପ ହାତକୁ ନିଆଯାଇଥିଲା। ୧୦୧୫ଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି । ମୋଟ ୩୦୩୯.୩୪ଲକ୍ଷ ଟଙ୍କ ଖର୍ଚ୍ଚ ହୋଇଥିବା ବେଳେ ଶ୍ରମିକ ଅଂଶ ବାବଦକୁ ୨୬୭୮.୧୮ଲକ୍ଷ ଓ ସାମଗ୍ରୀ ଅଂଶ ବାବଦକୁ ୩୦୭.୨୮ଲକ୍ଷ ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ୟାମସୁନ୍ଦର ସାହୁ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିବା ବେଳେ ଏପିଓ ପ୍ରଣତି ପୁରୋହିତ ଉକ୍ତ ଶିବିରକୁ ସଂଯୋଜନା କରିଥିଲେ ।

# ଖାଲିଥିବା ଡିଏଫଓ ପଦବୀ ପୂରଣ ହେଲା

## କୃଷ୍ଣସାର ମୃଗଙ୍କ ସୁରକ୍ଷା କରାଯିବ: ବିନୋଦ ଆଚାର୍ଯ୍ୟ

ଭଞ୍ଜନଗର,୯।୮(ବାବୁଲା ପ୍ରଧାନ)

ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡର ଆସିକା, ବୁଗୁଡ଼ା, ପୋଲସରା ଆଦି ରେଞ୍ଜର ବିଭିନ୍ନ ଅଞ୍ଚଳରେ ବିରଳ କୃଷ୍ଣସାର ମୃଗ ଦେଖାଦିଅନ୍ତି। ଦେଶର ଅଳ୍ପ କିଛି ଅଞ୍ଚଳରେ ଏହି ମୃଗ ଦେଖା ଦିଅନ୍ତି। ପର୍ଯ୍ୟଟକମାନେ ଏହି ବନଖଣ୍ଡ ଦେଇ ଯାଇଥିବା ରାଜପଥ ସହ ଗ୍ରାମାଞ୍ଚଳ ରାସ୍ତାରେ ଯିବା ବେଳେ ବିରଳ କୃଷ୍ଣସାର ମୃଗ ଦେଖି ଖୁସି ହୁଅନ୍ତି। ଅଞ୍ଚଳବାସୀ ମଧ୍ୟ ଆଧ୍ୟାତ୍ମିକ ବିଶ୍ୱାସରେ ଉକ୍ତ ମୃଗର ସୁରକ୍ଷା କରିଥାନ୍ତି। ତେବେ ବିଭିନ୍ନ ସମୟରେ ଦୁର୍ଘଟଣା ଓ କୁକୁର କାମୁଡ଼ାରେ ଅନେକ ମୃଗଙ୍କ ମୃତ୍ୟୁ ଘଟୁଛି। ଆଗାମୀ ଦିନରେ ଯେଭଳି ମୃଗ ଆହୁରି ସୁରକ୍ଷିତ ରହିବେ ଏବଂ ସେମାନଙ୍କ ବଂଶ ବୃଦ୍ଧି ପାଇବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ବୁଧବାର ନୂତନ ଡିଏଫଓ ବିନୋଦ ଆଚାର୍ଯ୍ୟ କାର୍ଯ୍ୟରେ ଯୋଗ ଦେବାପରେ କହିଛନ୍ତି। ଏଥିସହ ଜଙ୍ଗଲ ଏବଂ ବନ୍ୟପ୍ରାଣୀ କିଭଳି ସୁରକ୍ଷିତ ରହିପାରିବ, ବନ ସୁରକ୍ଷା ସମିତି କର୍ମକର୍ତ୍ତାମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆସିବ ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୪ ମାସରୁ ଊର୍ଦ୍ଧ୍ୱ ହେବ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ପଦବୀ ଖାଲି ପଡ଼ିଥିଲା। ଗତ ମାର୍ଚ୍ଚରେ ତତ୍କାଳୀନ ଡିଏଫଓ ଦିଲୀପ ରାଉତ ଅବସର ନେବା ପରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା ଅତିରିକ୍ତ ଦାୟିତ୍ୱରେ ଥିଲେ। ନୂତନ ଡିଏଫଓ ଆଚାର୍ଯ୍ୟ ଭୁବନେଶ୍ୱରସ୍ଥିତ ପିସିସିଏଫ ବନ୍ୟପ୍ରାଣୀ କାର୍ଯ୍ୟାଳୟରୁ ବଦଳି ହୋଇ ଏଠାକୁ ଆସିଛନ୍ତି। ବନଖଣ୍ଡର ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ଡିଏଫଓ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।


ଡିଏଫଓ ବିନୋଦ ଆଚାର୍ଯ୍ୟ ଓ କର୍ମଚାରୀମାନେ।

# ଏକତ୍ର ହୋଇ ଅଧିକାର ପାଇଁ ଲଢ଼ିବାକୁ ଆହ୍ୱାନ

## ବିଶ୍ୱ ଆଦିବାସୀ ଦିବସ ପାଳିତ

ପାରଳାଖେମୁଣ୍ଡି, ୯।୮(ଗିରିଧାରୀ ପରିଛା):

ପାରଳାଖେମୁଣ୍ଡି ଠାରେ ବୁଧବାର ୨୯ତମ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଉଭୟ ଗଜପତି ଓ ରାୟଗଡା ଜିଲ୍ଲାର ଆଦିବାସୀ ତଥା କୁଇ, ଶବର, ଲାଞ୍ଜିଆ ଶବର ଇତ୍ୟାଦି ସମ୍ପ୍ରଦାୟର ଆଦିବାସୀ ମାନେ ଦୁଇ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଆସି ଏକତ୍ରିତ ହୋଇଥିଲେ। ଏହି ଅବସରରେ ଆଦିବାସୀ ସମ୍ପ୍ରଦାୟର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ପ୍ରମୁଖ ଯୋଗଦେଇଥିଲେ। ଶତାଧିକ ଆଦିବାସୀ ପାରଳାଖେମୁଣ୍ଡି ବସଷ୍ଟାଣ୍ଡ ନିକଟରେ ପହଞ୍ଚି ଏକ ବିରାଟ ପଟୁଆରେ ବାହାରି ପାରମ୍ପରିକ ବେଶଭୁଷା ସହ ଅସ୍ତ୍ରଶସ୍ତ୍ର ଧରି ସହର ପରିକ୍ରମା କରି ଫରେଷ୍ଟ ଅଫିସ ନିକଟସ୍ଥ ଆଦିବାସୀ ମେଳା ପଡ଼ିଆରେ ପହଞ୍ଚିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା କ୍ୟାବିନେଟରେ ମଞ୍ଜୁର ଆଦିବାସୀଙ୍କ ତାଲିକା ଆଦିମ ଜନଜାତିର ମାନ୍ୟତା ମଞ୍ଜୁର କରିବା ପାଇଁ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମରିୟମ ରଇତ, ମୋହନା ବିଧାୟକ ଦାସରଥି ଗମାଙ୍ଗ, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପବିତ୍ର ମଣ୍ଡଳ, ରାଜ୍ୟ ମାଇନରିଟି ସେଲର ସମ୍ପାଦକ ଡ.ପଲ୍ଲବ ଲିମ୍ମା, ଅନ୍ତର୍ଯ୍ୟାମୀ ଗମାଙ୍ଗ, ନୀର ଭୂୟାଁ, ଓ ସମସ୍ତ ବ୍ଲକ ର ଅଧ୍ୟକ୍ଷା/ଅଧ୍ୟକ୍ଷ, ଜିଲାପରିଷଦ ସଭ୍ୟା ସଭ୍ୟ ଗଣଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

# ଠିକା ଅଧ୍ୟାପକରେ ଚାଲିଛି ଉଦୟ ପ୍ରତାପ ବିଜ୍ଞାନ କଲେଜ

ଶେରଗଡ, ୯।୮(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା, ବିଜ୍ଞାନ, ବାଣିଜ୍ୟରେ ପ୍ରାୟ ୪୫୦ ସିଟ୍ ରହିଛି। ତେବେ ଇତିହାସ ଓ ଇଂରାଜୀକୁ ବିଭାଗକୁ ଛାଡିଦେଲେ ଆଉ କୌଣସି ବିଷୟରେ ନିୟମିତ ଅଧ୍ୟାପକ ନାହାନ୍ତି। ଓଡିଆ, ରାଜନୀତି ବିଜ୍ଞାନ, ଅର୍ଥନୀତି ବିଭାଗ ପଦବୀ ବହୁ ଦିନ ହେଲା ଖାଲିପଡିଛି। ସେହିପରି ବିଜ୍ଞାନ ବିଭାଗର ଗଣିତ, ପଦାର୍ଥ ବିଜ୍ଞାନ ପଦବୀ ଖାଲି, ବାଣିଜ୍ୟ ବିଭାଗର ଦୁଇଜଣ ଅଧ୍ୟାପକ ଅଛନ୍ତି। ଆଉ ସବୁ ପଦବୀ ଖାଲି ପଡିଛି। ବିଜ୍ଞାନ ଓ କଳାରେ ଖାଲି ଥିବା ପଦବୀରେ ସରକାର ପକ୍ଷରୁ କାହାକୁ ନିଯୁକ୍ତି ଦିଆଯାଇ ନାହିଁ। ଠିକା ଅଧ୍ୟାପକ ରଖି କଲେଜ କର୍ତ୍ତୃପକ୍ଷ କାମ ଚଳେଇ ନେଇଛି। ଯୁକ୍ତ ୨ କଳା ସିଟ ପୂରଣ ହେଉଥିବା ବେଳେ ବିଜ୍ଞାନ ଓ ବାଣିଜ୍ୟ ସିଟ ଖାଲି ପଡୁଛି। କଲେଜ ପରିଚାଳନା ଦାୟିତ୍ୱ କମିଟି, ଉପଜିଲାପାଳଙ୍କ ହାତରେ ନ୍ୟସ୍ତ ଥିବାବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ବି ଅଧ୍ୟାପକ ନିଯୁକ୍ତି ପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଫଳରେ ଗତ କିଛି ବର୍ଷ ହେଲା ଠିକା ଅଧ୍ୟାପକ ନିଯୁକ୍ତି ଦିଆଯାଇ ପାଠ ପଢା ଚଳାଯାଉଛି ବୋଲି କଲେଜ କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି। ଯଦି ସରକାର ଏହାକୁ ଗୁରୁତର ଭାବେ ଗ୍ରହଣ ନ କରନ୍ତି ତେବେ ଶେରଗଡବାସୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଅଞ୍ଚଳବାସୀଙ୍କ ଶ୍ରମଦାନ ଅନୁଷ୍ଠାନ ଅଚିରେ ନଷ୍ଟ ହୋଇଯିବ।

# ଅନ୍‌ଲାଇନରେ ଜିପିଏଫ୍, ୟୁସି ଦାଖଲ ଉପରେ ଗୁରୁତ୍ୱ

ଛତ୍ରପୁର,୯।୮(ସନ୍ତୋଷ ପାଢ଼ୀ):

ଜିଲା କୋଷାଗାର ଗଞ୍ଜାମ ଦ୍ୱାରା ଜିଲା ପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଆୟକର, ଡିଜିଟାଲ ଜିପିଏଫ ଓ ୟୁ.ସି. ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାରୁ ୩୫୦ ପ୍ରଶିକ୍ଷାର୍ଥୀ ଯୋଗଦାନ କରିଥିଲେ। ଏହି କର୍ମଶାଳାରେ ଆୟକର ଅଧିକାରୀ ସଂଜୀବ ଝା ପ୍ରଶିକ୍ଷକ ହିସାବରେ ଯୋଗଦାନ କରି ବିଭିନ୍ନ କାର୍ଯ୍ୟାଳୟରେ କଟାଯାଉଥିବା ଟିଡିଏସର ରିଟର୍ଣ୍ଣଗୁଡିକୁ କିପରି ଦାଖଲ କରାଯିବ ସେ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ରାଜ୍ୟ ସରକାରଙ୍କର କୋଷାଗାର ଓ ନିରୀକ୍ଷଣ ମହାନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଦୀପକ କୁମାର ଚୌଧୁରୀ ନୂତନ ଭାବେ ପ୍ରଚଳନ ହେବାକୁ ଥିବା ଇଲେକ୍ଟ୍ରୋନିକ ଜିପିଏଫ ଓ ଇଲେକ୍ଟ୍ରୋନିକ ୟୁସି ବାବଦରେ ପ୍ରଶିକ୍ଷାର୍ଥୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଜିପିଏଫ ଆବେଦନର ଅନଲାଇନ ସୁବିଧା ଦ୍ୱାରା କିପରି ଅବସର ବହୁପୂର୍ବରୁ କର୍ମଚାରୀମାନେ ନିଜର ଉଠାଣଗୁଡିକୁ ପାଇପାରିବେ ସେ ବିଷୟରେ ବିଷଦ ଭାବେ ଆଲୋଚନା କରିଥିଲେ। ବର୍ତ୍ତମାନ ଓଡିଶା ସରକାର ଆର୍ଥିକ ପରିଚାଳନା କ୍ଷେତ୍ରରେ ଆଧୁନିକ ଜ୍ଞାନ କୌଶଳର ବ୍ୟବହାର କରି ସୁଚାରୁ ରୂପେ କିପରି ସମୟ ଅନୁବନ୍ଧିତ ହୋଇ କାର୍ଯ୍ୟ କରିପାରିବେ ସେଥିଲାଗି ଆଗ୍ରହୀ ଅଛନ୍ତି ବୋଲି ଚୌଧୁରୀ ମତବ୍ୟକ୍ତ କରିଥିଲେ । ଶେଷରେ ଜିଲା କୋଷାଗାର ଅଧିକାରୀ ସୁଶ୍ରୀ ଅଳକାନନ୍ଦା ତ୍ରିପାଠୀ, ଗଞ୍ଜାମ ଜିଲାର ସମସ୍ତ ଉପକୋଷାଗାର ଅଧିକାରୀ, ପ୍ରଶିକ୍ଷାର୍ଥୀ ଓ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଅତିରିକ୍ତ କୋଷାଗାର ଅଧିକାରୀ ସତ୍ୟଜିତ ମହାନ୍ତି, ବରିଷ୍ଠ ଗାଣିତିକ ରବୀନ୍ଦ୍ର ନାଥ ସାହୁ, ଜିତେନ୍ଦ୍ର କୁମାର ସେଠୀ, ସନ୍ତୋଷ କୁମାର ଦାଶ, ରଶ୍ମିରଞ୍ଜନ ପାଇକ ପ୍ରଭୃତିଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିଥିଲେ।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ।

## ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଭାଜପାର ନିନ୍ଦା

# ଫିରିଙ୍ଗିଆ ଯିବ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଫୁଲବାଣୀ ଅଫିସ, ୯।୮
(ରାକେଶ କୁମାର ରାଉତ )

ଭାଜପାର ଏକ ସ୍ୱତନ୍ତ୍ର ବୈଠକ ଫୁଲବାଣୀ ପାର୍ଟି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ନିକଟରେ ହୋଇଥିବା ଫିରିଙ୍ଗିଆ ଥାନା ପୋଡି ଘଟଣାକୁ ନେଇ ଜୋରଦାର ଆଲୋଚନା ହୋଇଥିଲା। ଗଞ୍ଜେଇ ଚାଲାଣ ନେଇ ଫିରିଙ୍ଗିଆ ଥାନାପୋଡି, ପୋଲିସକୁ ଆକ୍ରମଣ ଓ ଥାନା ପୋଡିଥିବା ଲୋକଙ୍କୁ ଆକ୍ରୋଶ ରଖି ସାଧାରଣରେ ଲାଠି ଚାର୍ଜ କରି ବେହୋସ କରିବା ଘଟଣାର ଘୋର ନିନ୍ଦା କରାଯାଇଥିଲା। ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଭାଜପା ପକ୍ଷରୁ ଯାଇ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ଏସ୍‌ପି ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଫୁଲବାଣୀ ପୌରପରିଷଦର ଅଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି, ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ଉପସଭାପତି ରାମବିଶି ଦିଗାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କରେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ରହି ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀଙ୍କ ନୂଆ କାର୍ଯ୍ୟକ୍ରମ 'ମୋର ମାଟି ମୋର ଦେଶ' ସମ୍ପର୍କରେ ଆଲୋଚନା କରିଥିଲେ। ଅଗଷ୍ଟ ୯ତାରିଖ କ୍ରାନ୍ତି ଦିବସରେ ପ୍ରତି ଗାଁରୁ ମାଟି ଆଣି ଦେଶର ୭୫୦୦ ବ୍ଲକରେ ଅଗଷ୍ଟ ୧୬ ତାରିଖରେ ଅମୃତ କଳସରେ ରଖାଯିବ। ସମଗ୍ର ଦେଶରୁ ଅମୃତ କଳସରେ ପବିତ୍ର ମାଟି ନେଇ ଦିଲ୍ଲୀ କର୍ତ୍ତବ୍ୟ ପଥରେ ଏକ ଅମୃତ ଉଦ୍ୟାନ ନିର୍ମାଣ କରାଯିବ। ସର୍ଦ୍ଦାର ବଲଭଭାଇ ପଟେଲଙ୍କ ଷ୍ଟାଚ୍ୟୁ ଅଫ ୟୁନିଟ ଭଳି ଏହି ଅମୃତ ଉଦ୍ୟାନ ଦେଶର ସବୁ ଗାଁର ପବିତ୍ର ମାଟିରେ ନିର୍ମାଣ କରାଯିବ ବୋଲି କର୍ମକର୍ତ୍ତା କହିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ ବହୁ ମତରେ ଜିତାଇବାକୁ ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ମହାନ୍ତି, ଲିଙ୍ଗରାଜ ଦଳବେହେରା, ଦେବେନ୍ଦ୍ର କୁଦେଇ, ମାନଗୋବିନ୍ଦ ପ୍ରଧାନ ଏବଂ ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।



